# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 January - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳୀ

– ନେତାଜୀଙ୍କ ଆଦର୍ଶକୁ ଅନୁକରଣ କରିବା ପାଇଁ ଲୋକମାନଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

- କଟକ ବାରବାଟୀ ଦୁର୍ଗଠାରେ ଆୟୋଜିତ ଜାତୀୟସ୍ତରୀୟ ପରାକ୍ରମ ଦିବସକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିଲା ଭିତରକନିକା ଜାତୀୟ ଉଦ୍ୟାନ

ଏବଂ

- ହକି ଇଣ୍ଡିଆ ଲିଗ୍‌ର ଦୁଇଟି ମ୍ୟାଚ୍ ଆଜି ଉଭୟ ରାଉରକେଲା ଓ ରାଞ୍ଚିଠାରେ ଖେଳାଯିବ

*Desk*

# ପରାକ୍ରମ ଦିବସ

ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଆଜି ସମଗ୍ର ଦେଶରେ ପରାକ୍ରମ ଦିବସ ଭାବେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଭାରତକୁ ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରିବାପାଇଁ ନେତାଜୀଙ୍କର ଆଦର୍ଶ ଅନୁକରଣଯୋଗ୍ୟ ବୋଲି ଶ୍ରୀ ମୋଦୀ କହିଛନ୍ତି। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଦେଶବାସୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

**- V/O -**

ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ବିଷୟରେ ଯୁବପିଢ଼ି ବିସ୍ତୃତଭାବେ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂତନ ତଥ୍ୟକୁ ସାମ୍ନାକୁ ଆଣିବା ପାଇଁ ଯୁବପିଢ଼ିଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ତାଜୀଙ୍କର ୧୨୮ ତମ ଜୟନ୍ତୀ ଅବସରରେ ଆଜି କଟକ ବାରବାଟୀ ଦୁର୍ଗରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ନେତାଜୀଙ୍କର ମୂଲ୍ୟବୋଧ ଲୋକମାନଙ୍କୁ ଅନୁପ୍ରାଣିତ କରୁଛି। ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

ଭାରତ ଇତିହାସର ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜନନେତା ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟବାପୀ ପରାକ୍ରମ ଦିବସ ପାଳନ କରାଯାଉଛି। ଏହି ଅବସରରେ ସଂସ୍କୃତି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ସହାୟତାରେ ଆଜିଠାରୁ ୨୫ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଦୁର୍ଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ଆଜି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କିତ ପୁସ୍ତକ, ଛବି ପ୍ରଦର୍ଶନୀ, ମୂର୍ତ୍ତିଶିଳ୍ପ କର୍ମଶାଳା ଏବଂ ନେତାଜୀଙ୍କ ଜୀବନ ଓ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ କେନ୍ଦ୍ର କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟସୂଚୀ ରହିଛି। ନେତାଜୀଙ୍କ ଉପରେ ୧୫ ଫୁଟ ଲମ୍ବ ଏବଂ ୩୦ ଫୁଟ ଚଉଡ଼ାରେ ନିର୍ମିତ ବାଲୁକା କଳା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଛି।

ନେତାଜୀଙ୍କ ଜୟନ୍ତୀ ଅବସରରେ ଓଡ଼ିଆ ବଜାରରେ ଥିବା ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଓ ବ୍ୟାଖ୍ୟାନ କେନ୍ଦ୍ରକୁ ଜନସାଧାରଣଙ୍କ ପାଇଁ ଆଜିଠାରୁ ଖୋଲାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ନିଃଶୁଳ୍କ ପରିଦର୍ଶନ କରିପାରିବେ। ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ।

ବିଧାନସଭା ପରିସରରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଆଜି ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

ସୂଚନା ଅନୁସାରେ, ୨୦୨୧ ମସିହାରୁ ନେତାଜୀ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ କେନ୍ଦ୍ର ସରକାର ପାଳନ କରିଆସୁଛନ୍ତି।

***Puri/Rayagada/Malkangiri***

## ଜିଲ୍ଲାସ୍ତରୀୟ ନେତାଜୀ ଜୟନ୍ତୀ

ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ସୁବାଷ ବୋଷ ସ୍ମାରକୀ ଟାଉନ ୟୁଥ୍ କ୍ଲବ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଥିରେ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ନେତାଜୀଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ।

ରାୟଗଡ଼ାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଏହି ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ୧୦ଟି ବିଦ୍ୟାଳୟରୁ ୧୦୦ ଜଣ ଛାତ୍ରୀ ଏଥିରେ ଭାଗ ନେଇଥିଲେ। ଦେଶ ସ୍ୱାଧୀନତାରେ ପ୍ରାଣବଳି ଦେଇଥିବା ସ୍ୱତନ୍ତ୍ର ସେନାନୀଙ୍କ ବିଷୟ ଉପରେ ପର୍ଯ୍ୟବେସିତ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା।

ପୁରୀ ନେତାଜୀ ସଂଗ୍ରହାଳୟଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସୁବାଷ ବୋଷ ଛକଠାରେ ନେତାଜୀଙ୍କର ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଏବଂ ସାଧାରଣ ଲୋକମାନେ ମାଲ୍ୟାର୍ପଣ କରିଥିଲେ।

***Desk***

# ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ସ୍ୱାଧୀନତା ସଂଗ୍ରାମର ମହାନ ଜନନାୟକ ବୀର ସୁରେନ୍ଦ୍ର ସାଏଙ୍କ ଆଜି ହେଉଛି ୨୧୬ ତମ ଜୟନ୍ତୀ। ୧୮୦୯ ମସିହା ଆଜିର ଦିନରେ ତତ୍କାଳୀନ ସମ୍ବଲପୁର ଜିଲ୍ଲାର ଖିଣ୍ଡା ଗ୍ରାମରେ ଏହି ମହାନ ଜନନାୟକ ଜନ୍ମ ହୋଇଥିଲେ। ୧୮୫୭ ମସିହା ସିପାହୀ ବିଦ୍ରୋହ ଆଗରୁ ବ୍ରିଟିଶ ସରକାରଙ୍କ ବିରୋଧରେ ସୁରେନ୍ଦ୍ର ସାଏ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ। ୧୮୨୭ରୁ ୧୮୪୦ ଏବଂ ୧୮୫୭ରୁ ୧୮୬୪ ମସିହା ପର୍ଯ୍ୟନ୍ତ ୨୦ ବର୍ଷ ଧରି ଇଂରେଜ ଶାସନ ବିରୋଧରେ ସେ ବିଦ୍ରୋହ ଜାରି ରଖିଥିଲେ। ତାଙ୍କ ଜୀବନକାଳ ଭିତରେ ଇଂରେଜ ସରକାର ସୁରେନ୍ଦ୍ର ସାଏଙ୍କୁ ୩୭ ବର୍ଷ ଜେଲ୍‌ରେ ବନ୍ଦୀ ରଖିଥିଲେ। ଇଂରେଜ ସରକାରଙ୍କ ବିରୋଧରେ ଲଢ଼େଇ କରି ଦେଶ ଏବଂ ମାଟିର ସୁରକ୍ଷା କରିବା ଲାଗି ଏହି ମହାନ୍ ବୀରପୁତ୍ରଙ୍କୁ ଇତିହାସ ସବୁବେଳେ ମନେ ରଖିବ।

ଏହି ଅବସରରେ ଜନ୍ମମାଟି ଖିଣ୍ଡାଠାରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

ସମ୍ବଲପୁରଠାରେ ଆୟୋଜିତ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜେଲଖାନା ଛକରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାରେ ବୀର ସୁରେନ୍ଦ୍ର ସାଏଙ୍କର ଜୟନ୍ତୀ ଅବସରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼େଇ କରି ସୁରେନ୍ଦ୍ର ସାଏ ନିଜର ଅସୀମ ସାହସ, ବୀରତ୍ୱ ଓ ତ୍ୟାଗର ଉଦାହରଣ ସୃଷ୍ଟି କରିଛନ୍ତି । ତାଙ୍କର ସାହସ, ସଂଗ୍ରାମ ଓ ବଳିଦାନ ପାଇଁ ସେ ଦେଶବାସୀଙ୍କ ନିକଟରେ ସର୍ବଦା ସ୍ମରଣୀୟ ହୋଇ ରହିବେ ।

ବୀର ସୁରେନ୍ଦ୍ର ସାଏ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, ଦେଶବାସୀଙ୍କ ମଧ୍ୟରେ ସ୍ୱାଧୀନତାର ବହ୍ନି ପ୍ରଜ୍ୱଳିତ କରିବାରେ ତାଙ୍କର

ନେତୃତ୍ୱ ଓ ଅବଦାନ ଅବିସ୍ମରଣୀୟ ବୋଲି ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଭାରତ ସ୍ୱାଧୀନତା ସଂଗ୍ରାମର ମହାସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ସୌର୍ଯ୍ୟପୂର୍ଣ୍ଣ ଲଢ଼େଇ, ସଶସ୍ତ୍ର ସଂଗ୍ରାମ, ତ୍ୟାଗ ଓ ନିଷ୍ଠା ଯୁବ ସମାଜକୁ ସର୍ବଦା ଅନୁପ୍ରାଣିତ କରିବ ବୋଲି ନିଜ ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

***Desk***

# ଭିତକନିକା ଖୋଲିଲା

କେନ୍ଦ୍ରାପଡାସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଆଜିଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି । କୁମ୍ଭୀର ଗଣନା ପାଇଁ ଗତ ୧୪ ତାରିଖରୁ ଜାତୀୟ ଉଦ୍ୟାନକୁ ପର୍ଯ୍ୟଟକଙ୍କ ଲାଗି ବନ୍ଦଥିଲା । ସୂଚନା ଅନୁସାରେ ଭିତରକନିକାରେ ୧ହଜାର ୮୨୬ କୁମ୍ଭୀର ଥିବା ଗଣନାରୁ ଜଣାପଡ଼ିଛି । ଗତବର୍ଷ ଅପେକ୍ଷା ଚଳିତବର୍ଷ ୧୫ଟି କୁମ୍ଭୀର ଅଧିକ ଥିବା ଜଣାପଡିଛି ।

***HS***

## ଫୁଟବଲ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର କମିଶନରେଟ କଲୋନୀ କ୍ରିକେଟ କ୍ଲବ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଛନ୍ତି। ଦ୍ୱିତୀୟ ବୀର ସୁରେନ୍ଦ୍ର ସାଏ କପ୍ ସମ୍ବଲପୁରର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ

କରାଯାଉଛି। ଏଥିରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଛନ୍ତି।

***Boudh***

## କ୍ରେଡିଟ୍ ପ୍ଲାନ

ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ କୃଷି ଓ ଗ୍ରାମ୍ୟ ବିକାଶ ବ୍ୟାଙ୍କ ନାବାର୍ଡ ପକ୍ଷରୁ ଆଗାମୀ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ଋଣ ଲଗାଣ ପାଇଁ ଏକ କ୍ରେଡିଟ ପ୍ଲାନ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଏବଂ ନାବାର୍ଡର ବରିଷ୍ଠ ଅଧିକାରୀମାନେ ଯୋଗଦେଇ କ୍ରେଡିଟ୍ ପ୍ଲାନ ପୁସ୍ତିକା ଉନ୍ମୋଚନ କରିଥିଲେ। ଜିଲ୍ଲାରେ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଓ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ, ରୋଜଗାର ବୃଦ୍ଧି କ୍ଷେତ୍ରରେ ନିବେଶ ପାଇଁ ନାବାର୍ଡ ପକ୍ଷରୁ ଏହି ପୁସ୍ତିକା ପ୍ରସ୍ତୁତ କରାଯାଇଛି।

## ହକି

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ମହିଳା ବର୍ଗରେ ରାଞ୍ଚି ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ଓଡ଼ିଶା ୱାରିୟର୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ସନ୍ଧ୍ୟା ୬ଟା ୧୫ ମିନିଟ୍ ସମୟରେ ମ୍ୟାଚ୍ ଖେଳାଯିବ । ପୁରୁଷ ବର୍ଗରେ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ତାମିଲନାଡୁ ଡ୍ରାଗନ୍ସ ଏବଂ ହାଇଦ୍ରାବାଦ ତୁଫାନ୍ସ ରାତି ୮ଟା ୧୫ ମିନିଟ୍ରେ ମ୍ୟାଚ ଅନୁଷ୍ଠିତ ହେବ।

ପୁରୁଷ ବର୍ଗରେ ଗତକାଲି ଜେ.ଏସ୍.ଡବ୍ଲ୍ୟୁ. ସୁରମା ହକି କ୍ଲବ୍ ଦିଲ୍ଲୀ ଏସ୍.ଜି. ପାଇପାର୍ସ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ସୁରମା ହକି କ୍ଲବ୍ ତାଲିକାର ତୃତୀୟ ସ୍ଥାନକୁ ଉନ୍ନିତ ହୋଇଥିବା ବେଳେ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ତାଲିକାର ନିମ୍ନତମ ସ୍ଥାନରେ ରହିଛି ।

ଅନ୍ୟ ପକ୍ଷରେ ମହିଳା ବର୍ଗରେ ଶ୍ରାଚି ରାହା ବେଙ୍ଗଲ ଟଇଗର୍ସ ଦିଲ୍ଲୀ ଏସ୍.ଜି ପାଇପର୍ସକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି ।